# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 September - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଦେଶର ୧୧ ହଜାର ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ରକୁ ଉଦ୍‌ଘାଟନ କଲେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ
- ଦୁଇଦିନିଆ ଝାଡ଼ଖଣ୍ଡ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ନୂତନ ଯୋଜନା ପ୍ରଣୟନ ଏବଂ ଆର୍ଥିକ ସହାୟତା ମାଧ୍ୟମରେ ପଶୁପାଳକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ

ଏବଂ

- ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ଅନୁବାଦ ଦିବସ

*Desk*

## ରାଷ୍ଟ୍ରୀୟ ପୋଷଣ ମାସ

ଦେଶରେ ୧୧ ହଜାର ସକ୍ଷମ ଅଙ୍ଗନବାଡ଼ି କେନ୍ଦ୍ରକୁ ଆଜି ଆଭାଷୀ ମାଧମରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଉଦ୍‌ଘାଟନ କରିଛନ୍ତି। ରାଞ୍ଚିଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ପୋଷଣ ମାସର ସପ୍ତମ ସଂସ୍କରଣର ଉଦ୍‌ଯାପନୀ ସମାରୋହରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି, ରକ୍ତହୀନତା ସଚେତନତା, ପୋଷଣ ଭି ପଢ଼ାଇ ଭି, ବୈଷୟିକ ଜ୍ଞାନକୌଶଳ ଭିତ୍ତିକ ପଦକ୍ଷେପ ଏବଂ ପୁଷ୍ଟିହୀନତା ଦୂର କରିବା ଏହି ମାସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପୋଷଣ ମାସ ପାଳନ ଅବସରରେ ୧୧ କୋଟିରୁ ଅଧିକ କାର୍ଯ୍ୟକ୍ରମ ଦେଶବ୍ୟାପୀ ଅନୁଷ୍ଠିତ ହୋଇଛି। ଅଙ୍ଗନବାଡ଼ି କେନ୍ଦ୍ରର ସମସ୍ତ କର୍ମୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳାଙ୍କ ନେତୃତ୍ୱାଧୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି ଏବଂ ଏହି ଲକ୍ଷ୍ୟ ହାସଲ ପାଇଁ ବଜେଟ୍‌ରେ ବିଭିନ୍ନ ଯୋଜନା ଅଧୀନରେ ୩ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର୍ ଯୋଗ ଦେଇଥିଲେ।

***HS***

## ମୁଖ୍ୟମନ୍ତ୍ରୀ ଝାଡ଼ଖଣ୍ଡ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦୁଇଦିନିଆ ଝାଡ଼ଖଣ୍ଡ ଗସ୍ତରେ ଯାଇଛନ୍ତି। ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ବିମାନରେ ସେ ଝାଡ଼ଖଣ୍ଡ ଗସ୍ତ କରିଛନ୍ତି। ପଶ୍ଚିମ ସିଂହଭୂମର ଜଗନ୍ନାଥପୁରରେ ମୁଖ୍ୟମନ୍ତ୍ରୀ ପହଁଞ୍ଚି

ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଚାଇଁବାସାର କୋଲହାନ ସଭାରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***HS***

## ଭରତପୁର ମାମଲା

ଭରତପୁର ମାମଲାର ବିଚାରବିଭାଗୀୟ ତଦନ୍ତ ଆଜିଠୁ ଆରମ୍ଭ ହୋଇଛି । ଭୁବନେଶ୍ୱର ସର୍କିଟ ହାଉସଠାରେ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ବିଚାର ବିଭାଗୀୟ ତଦନ୍ତ କମିଶନଙ୍କ ସଚିବ କହିଛନ୍ତି, ଏହି ଘଟଣାରେ ସମ୍ପୃକ୍ତ ପକ୍ଷଙ୍କଠାରୁ ସତ୍ୟପାଠ ଆହ୍ୱାନ କରାଯାଇଛି । ଆସନ୍ତାକାଲି ଏ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ । ୨୧ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ପକ୍ଷଙ୍କୁ କୁହାଯିବ । ସତ୍ୟପାଠ ଯାଞ୍ଚ ପରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

***Desk***

# ପରିବେଶ ଶିକ୍ଷା

ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ  ସ୍ନାତକ ଶ୍ରେଣୀରେ ପରିବେଶ ଶିକ୍ଷା ଉପରେ ଶିକ୍ଷାଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜ ଅଧ୍ୟକ୍ଷମାନଙ୍କୁ ଅବଗତ କରାଯାଇଛି । ସ୍ନାତକ ଶ୍ରେଣୀରେ ପରିବେଶ ଶିକ୍ଷା ପାଠ୍ୟକ୍ରମ ପାଇଁ ୟୁଜିସିର ମାର୍ଗଦର୍ଶିକା ଓ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ, ବର୍ଜ୍ୟବସ୍ତୁ

ପରିଚାଳନା, ଜୈବ ବିବିଧତା, ସଂରକ୍ଷଣ ଆଦି ଉପରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରାଯିବ ।

***Nayagada***

## ଉନ୍ନତ ଗ୍ରାମ ଅଭିଯାନ ପ୍ରସ୍ତୁତି ବୈଠକ

ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଯୋଜନାରେ ନୟାଗଡ଼ ଜିଲ୍ଲାର ଅନୁସୂଚିତ ଜନଜାତି ବହୁଳ ୧୧୩ଟି ଗ୍ରାମକୁ ସାମିଲ କରାଯାଇଛି। ଆସନ୍ତା ମାସ ୨ ତାରିଖରେ ପ୍ରଧାନମନ୍ତ୍ରୀ ଏହି ଯୋଜନାକୁ ଲୋକାର୍ପଣ କରିବେ। ଏଥିପାଇଁ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

***Desk***

## ଖାଦ୍ୟ ଅପମିଶ୍ରଣ

ପାର୍ବଣଋତୁରେ ରାଜ୍ୟରେ ଖାଦ୍ୟ ଅପମିଶ୍ରଣ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖାଦ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଶେଷକରି ଦୁଗ୍ଧଜାତ ସାମଗ୍ରୀ ଉପରେ କଡ଼ା ନଜର ରଖାଯିବା ସହ ବିଭିନ୍ନ ପ୍ରକାର ମିଠା ପ୍ରସ୍ତୁତକାରୀଙ୍କ ଉପରେ ଆବଶ୍ୟକସ୍ଥଳେ ଚଢ଼ାଉ କରାଯିବ। ଅପମିଶ୍ରଣ ହେଉଥିବା ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଗଣମାଧ୍ୟମକୁ କହିଛନ୍ତି।

*Desk*

## ଜୈବିକ କୃଷି

ରାଜ୍ୟରେ ଜୈବିକ କୃଷିର ଚାହିଦା ବୃଦ୍ଧି ପାଇଛି। ୨୦୧୮ରେ ଜୈବିକ କୃଷି ନୀତି ପ୍ରଣୟନ ପରେ ଇତିମଧ୍ୟରେ ଏହି କ୍ଷେତ୍ର ସାଢ଼େ ୭ ଗୁଣ ବୃଦ୍ଧି ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏ ନେଇ ପ୍ରକାଶିତ ରିପୋର୍ଟରେ କୁହାଯାଇଛି, ବିଭିନ୍ନ ପ୍ରକାରର ଫସଲ ଏବେ ଜୈବିକ ଉପାୟ ଆଧାରରେ ଚାଷ କରାଯାଉଛି। ୨୦୧୮-୧୯ ବର୍ଷରେ ରାଜ୍ୟର ମାତ୍ର ୮ଟି ଜିଲ୍ଲାର ୭ ହଜାର ୯୨୮ ହେକ୍ଟର ଜମିରେ ଜୈବିକ ଚାଷ କରାଯାଉଥିଲା। ଏହା କ୍ରମଶଃ ବୃଦ୍ଧି ପାଇ ଚଳିତ ବର୍ଷକୁ ୨୫ଟି ଜିଲ୍ଲାକୁ ସମ୍ପ୍ରସାରିତ ହେବା ସହ ୫୯ ହଜାର ୭୨୦ ହେକ୍ଟର ଜମିରେ ଜୈବିକ କୃଷି ପାଇଁ ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି। କୃଷି ବିକାଶ ଯୋଜନା ଅଧୀନରେ ରାଜ୍ୟର ୧୦ଟି ଜିଲ୍ଲାରେ ୧ ହଜାର ହେକ୍ଟର ଜମିରେ ୩ ବର୍ଷ ପାଇଁ ଜୈବିକ ଚାଷ କରାଯାଉଛି। ଏହି ଯୋଜନା କେନ୍ଦ୍ର ଏବଂ ରାଜ୍ୟ ସହଭାଗିତାରେ କାର୍ଯ୍ୟକାରୀ କରାଯାଉଛି। ଚଳିତ ବର୍ଷ ରାଜ୍ୟରେ ଓଡ଼ିଶା ବଳଭଦ୍ର ଜୈବିକ ଚାଷ ମିଶନ ଆରମ୍ଭ କରାଯାଇଛି।

*I&PR*

## ଗୋକୁଳାନନ୍ଦ ମଲ୍ଲିକ

ନୂତନ ଯୋଜନା ପ୍ରଣୟନ ଏବଂ ଆର୍ଥିକ ସହାୟତା ମାଧ୍ୟମରେ ପଶୁପାଳକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ କହିଛନ୍ତି। ଭୁବନେଶ୍ୱର ଲକ୍ଷ୍ମୀସାଗରଠାରେ ଆଜି ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ

ପ୍ରତିଷ୍ଠାନର ନବନିର୍ମିତ ସମ୍ମିଳନୀ କକ୍ଷକୁ ଉଦ୍‌ଘାଟନ କରିବା ଅବସରରେ ସେ କହିଛନ୍ତି, ରାଜ୍ୟରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା କାର୍ଯ୍ୟକାରୀ କରିବା ପାଇଁ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଏହାଦ୍ୱାରା ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ଗୋ-ବିକାଶ ଏବଂ ଗୋପଳକଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ପ୍ରାୟ ୧୫ ଲକ୍ଷ ଗୋପାଳକ ଏହି ଯୋଜନାରେ ଉପକୃତ ହେବେ ବୋଲି ସେ କହିଛନ୍ତି। ଯୋଜନାର ସଫଳ ରୂପାୟନ ପାଇଁ ତାଲିମ ଏବଂ ପ୍ରଶିକ୍ଷଣକୁ ଅଗ୍ରାଧିକାର ଦିଆଯାଉଛି। ଏହି ନବନିର୍ମିତ ସମ୍ମିଳନୀ ଗୃହ ଏ ଦିଗରେ ବିଶେଷ ଉପଯୋଗୀ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

*HS*

## ଭଦ୍ରକ- ଉତ୍ତେଜନା

ସାମାଜିକ ଗଣମାଧ୍ୟମ ପୋଷ୍ଟ ଦ୍ୱାରା ଭଦ୍ରକରେ ସୃଷ୍ଟ ଉତ୍ତେଜନା ପରିସ୍ଥିତି କ୍ରମଶଃ ସ୍ୱାଭାବିକ ହେବାରେ ଲାଗିଛି। ପୁରୁଣା ବଜାର ଧାମନଗର ବିଜ୍ଞପିତ ଅଞ୍ଚଳ ଏବଂ ଧାମନଗରର ଦୋବଲ ଓ ଏହାର ଆଖପାଖ ଅଞ୍ଚଳରେ ୧୬୩ ଧାରା ବଳବତ୍ତର ରହିଛି। ସେହିସବୁ ଅଞ୍ଚଳରେ ତ୍ୱରିତ ସୁରକ୍ଷା ବାହିନୀ ଏବଂ ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ସହିତ ପେଟ୍ରୋଲିଂ ଜାରି ରହିଛି। ପରିସ୍ଥିତିକୁ ଦେଖି କେତେକ ଅଞ୍ଚଳରେ କଟକଣାକୁ କୋହଳ କରାଯାଉଛି। ସମ୍ବେଦନଶୀଳ ସ୍ଥାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲାରେ ମୋବାଇଲ, ଇଣ୍ଟରନେଟ୍ ସେବା ବନ୍ଦ

ରଖାଯାଇଛି । ଏହି ଘଟଣାରେ ଜଡ଼ିତ ଅଭିଯୋଗରେ ୧୫ ଜଣଙ୍କୁ ପୁଲିସ ଗିରଫ କରିଛି । କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ ପୂର୍ବାଞ୍ଚଳ ଡି.ଆଇ.ଜି. ଡକ୍ଟର ସତ୍ୟଜିତ ନାୟକ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ପରିସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ।

***Office***

## ଆକାଶବାଣୀ କର୍ମଚାରୀଙ୍କ ପରଲୋକ

ଆକାଶବାଣୀର ପୂର୍ବତନ କାର୍ଯ୍ୟକ୍ରମ ନିଷ୍ପାଦକ ଅଜିତ କୁମାର ଦାସଙ୍କର ଆଜି ପରଲୋକ ହୋଇଛି । ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା । ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଆକାଶବାଣୀ ଜୟପୁର କେନ୍ଦ୍ରରୁ ସେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ । ଏହାପରେ ଆକାଶବାଣୀ ସମ୍ବଲପୁର, କଟକ ଏବଂ ପୁରୀଠାରେ ବିଭିନ୍ନ ପଦପଦବୀରେ ଦାୟିତ୍ୱ ନିର୍ବାହ କରି ୨୦୧୧ ମସିହାରେ ସେ ଅବସର ଗ୍ରହଣ କରିଥିଲେ । ଆକାଶବାଣୀ ଜୟପୁରର ସେ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଏବଂ ଅନେକ ବେତାର ନାଟକର ପ୍ରଯୋଜକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

***Desk***

# ଅନ୍ତର୍ଜାତୀୟ ଅନୁବାଦ ଦିବସ

ଭାବ ଆଦାନ ପ୍ରଦାନରେ ଭାଷାର ଉପଯୋଗିତା ଏବଂ ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦର ବ୍ୟବହାରକୁ ଉପଲବ୍ଧି କରି ଆଜି

ବିଶ୍ୱର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି 'ଅନୁବାଦ ସଂରକ୍ଷଣର ଏକ କଳା, ସ୍ୱଦେଶୀ ଭାଷା ପାଇଁ ନୈତିକ ଓ ଭୌତିକ ଅଧିକାରୀ'। ୧୯୫୩ ମସିହାରୁ ଅନ୍ତର୍ଜାତୀୟ ଅନୁବାଦକ ସଂଘ ଆନୁକୂଲ୍ୟରେ ଏହି ଦିବସ ପାଳନ କରାଯାଇ ଆସୁଛି । ବିଭିନ୍ନ ରାଷ୍ଟ୍ର ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ପୃଥିବୀରେ ଶାନ୍ତି, ସୁରକ୍ଷା ଓ ପ୍ରଗତିକୁ ସଶକ୍ତ କରିବା ପାଇଁ ଅନୁବାଦକମାନଙ୍କ ଭୂମିକାକୁ ମନେପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ଏହି ଅବସରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଭାରତ ଭଳି ବହୁଭାଷୀ ଦେଶରେ ଅନୁବାଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

***Rayagada***

## ଅଭିଯୋଗ ଶୁଣାଣି

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁଣୁପୁର ସଦର ମହକୁମାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ପାରୁଲ ପଟ୍ଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୬୮ଟି ଅଭିଯୋଗ ଆଗତ ହୋଇଥିଲା । ସେଥିମଧ୍ୟରେ ୩୮ଟି ବ୍ୟକ୍ତିଗତ ଏବଂ ୩୦ଟି ସାମୂହିକ ଅଭିଯୋଗ ଅନ୍ତର୍ଭୁକ୍ତ । ଏହି ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ପଦସ୍ଥ ଅଧିକାରୀ ଯୋଗ ଦେଇଥିଲେ ।

*Desk*

## ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ୬ ତାରିଖରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଏହାର ପ୍ରଭାବରେ ଆସନ୍ତା ୪ ତାରିଖରୁ ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି । କୋହଲା ପବନ ଏବଂ ବଜ୍ରପାତ ନେଇ ଆଗାମୀ ଦୁଇଦିନ ପର୍ଯ୍ୟନ୍ତ କେତେକ ଜିଲ୍ଲାକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ତେବେ ୨୪ ଘଣ୍ଟା ପାଇଁ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଦିଆଯାଇଛି ବୋଲି ପାଣିପାଗ ବିଭାଗ କହିଛି । ସେହି ଜିଲ୍ଲାଗୁଡ଼ିକ ହେଲା ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ।

*****